## ଅନୁସୁଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ନିର୍ଦ୍ଦେଶକଂକ ଅନୁଗୋଳ ଗସ୍ତ- ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟର କଲେ ସମୀକ୍ଷା ।

ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ନିମନ୍ତେ ଜିଲ୍ଲାର ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ନିର୍ଦ୍ଦେଶକ( ଅନ୍ୟାନ୍ୟ ପଛୁଆ ବର୍ଗ) ଅନୁସୁଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ତଥା ସଂଖ୍ୟା ଲଘୁ ଓ ପଛୁଆ ବର୍ଗ ଉନ୍ନୟନ ବିଭାଗର ଶ୍ରୀ ପ୍ରଶାନ୍ତ କୁମାର ସେନାପତି ଆଜି ଅନୁଗୋଳ ଗସ୍ତରେ ଆସି ସର୍କିଟ ହାଉସ୍ ଠାରେ ସମୀକ୍ଷା ବୈଠକରେ ଯୋଗ ଦେଇଛନ୍ତି । ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସେ ପଂଖାନୁପୁଂଖ ଭାବେ ସମୀକ୍ଷା କରିଥିଲେ ।

ଶୁଦ୍ଧ,ନିର୍ଭୁଲ ଓ ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତି ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏଥିପାଇଁ ବିଭିନ୍ନ ରାଜନୈତିକ ଦଳମାନଂକ ଦ୍ୱାରା ସେମାନଂକର ବୁଥ୍ ସ୍ତରୀୟ ଏଜେଣ୍ଟ ନିଯୁକ୍ତି ନିମନ୍ତେ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ । ଆଠମଲ୍ଲିକ ଓ ପାଲଲହଡାର ଉପାନ୍ତ ଅଂଚଳର ଅନୁସୁଚିତ ଜନଜାତି ଓ ଅନୁସୂଚିତ ଜାତିର ନିରକ୍ଷର ଭୋଟରମାନଂକୁ ତାଲିକାରେ ଅନ୍ତର୍ଭୁକ୍ତ କରିବା ସହ ବିବାହିତା ମହିଳାମାନଂକର ଶାଶୁ ଘର ନିର୍ବାଚନ ମଣ୍ଡଳୀରେ ସେମାନଂକ ନାମକୁ ଅନ୍ତର୍ଭୁକ୍ତ କରିବାକୁ ପରାମର୍ଶ ଦେଇଛନ୍ତି । ସେହିପରି ନିର୍ବାଚନ କମିଶନ ଭିନ୍ନକ୍ଷମମାନଂକ ଉପରେ ପ୍ରାଧାନ୍ୟ ଦେଉଥିବାରୁ ସେମାନଂକୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ନିମନ୍ତେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଛନ୍ତି । ୨୦୧୧ ଜନଗଣନା ସହ ବର୍ତ୍ତମାନ ସୁଦ୍ଧା ୧୮ ବର୍ଷରୁ ଉର୍ଦ୍ଧ ସମସ୍ତ ଭୋଟରମାନଂକ ସଂଖ୍ୟାକୁ ମିଳାଇବାକୁ ସେ ପରାମର୍ଶ ଦେଇଛନ୍ତି । ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଯୋଗ ଦେଇ ନିର୍ଦ୍ଦିଷ୍ଟ ସମୟ୍ ସୀମା ମଧ୍ୟରେ ବୁଥ୍ ସ୍ତରରୁଆସିଥିବା ଦରଖାସ୍ତ ଗୁଡିକୁ ତୁରନ୍ତ ଫଇସଲା କରି ଭୋଟର ତାଲିକା ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ । ଅନୁଗୋଳ ଜିଲ୍ଲାରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ସଫଳତାର ସହ ଚାଲୁଥିବାରୁ ନିର୍ଦ୍ଦେଶକ ସନ୍ତୋଷ ପ୍ରକାଶ କରିଥିଲେ । ଚଳିତ ମାସ ୧୫ ତାରିଖରେ ଆପତ୍ତି ଅଭିଯୋଗ ଉପସ୍ଥାପନ ହେଉଥିବା ବେଳେ ୨୭ ତାରିଖରେ ଏହାର ଫଏସଲା କରାଯିବ । ଆସନ୍ତା ଫେବୃୟାରୀ ୪ ତାରିଖ ସୁଦ୍ଧା ଭୋଟର ତାଲିକା ପ୍ରସ୍ତୁତ କାର୍ଯ୍ୟ ସରି ୭ ତାରିଖରେ ଚୁଡାନ୍ତ ଭୋଟର ତାଲିକା ପ୍ରକାଶନ ହେବ । ଏହି ବୈଠକରେ ଅନ୍ୟମାନଂକ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି,ତାଲଚେର ଉପଜିଲ୍ଲାପାଳ ଶ୍ରୀ ପରେଶ ଚନ୍ଦ୍ର ନାୟକ,ଆଠମଲ୍ଲିକ ଉପଜିଲ୍ଲାପାଳ ଡା.ରଜନୀକାନ୍ତ ବିଶ୍ୱାଳ,ପାଲଲହଡା ଉପଜିଲ୍ଲାପାଳ ଶ୍ରୀ ଅଜିତ୍ କୁମାର ପ୍ରଧାନ ଓ ଡେପୁଟୀ କଲେକ୍ଟର (ନିର୍ବାଚନ) ଶ୍ରୀ ଲମ୍ବୋଦର ମାରାଣ୍ଡି ଓ ଆସିଷ୍ଟାଣ୍ଟ କଲେକ୍ଟର ମନୀଷା ଗୁପ୍ତାଂକ ସମେତ ଜିଲ୍ଲା କାର୍ଯ୍ୟାଳୟ ଓ ଉପଜିଲ୍ଲାପାଳଂକ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ ।


POCO
SHOT ON POCO F1